# ରୋଟାରୀ କ୍ଲବ ଇଷ୍ଟର ନିମଖଣ୍ଡି ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ ଓ ସଚେତନତା କାର୍ଯ୍ୟକ୍ରମ



ବ୍ରହ୍ମପୁର, ୮।୭ (ଆନିସ): ବନ ମହୋତ୍ସବ ସପ୍ତାହ ପାଳନ ଷଷ୍ଠ ଦିବସ ଅବସରରେ ରୋଟାରୀ କ୍ଲବ ଅଫ୍ ବ୍ରହ୍ମପୁର ଇଷ୍ଟ ଦ୍ୱାରା ବ୍ରହ୍ମପୁର ସହର ଉପକଣ୍ଠସ୍ଥିତ ନିମଖଣ୍ଡି ଶ୍ରୀକୃଷ୍ଣ ସାହୁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ଏନସିସି, ଜୁନିୟର ରେଡକ୍ରସ, ସ୍କାଉଟ ଓ ଗାଇଡ୍,ଇକୋ କ୍ଲବ, ଛାତ୍ର ପୋଲିସ କ୍ୟାଡେଟ୍ ର ଛାତ୍ର ଛାତ୍ରୀ ତଥା ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସହଯୋଗ କ୍ରମେ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାର ଚାରାରୋପଣ କରାଯାଇଥିଲା।କ୍ଲବର ସଭାପତି ରୋଟାରିଆନ ଜୟନ୍ତ କିଶୋର ପାତ୍ରଙ୍କ ତତ୍ତ୍ୱାବଧାନରେ ବୃକ୍ଷ ରୋପଣ କାର୍ଯ୍ୟ ସମାପନ ହୋଇଥିଲା।ପରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିକୁଞ୍ଜ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା।କ୍ଲବର ପ୍ରୋଜେକ୍ଟ ଡାଇରେକ୍ଟର ତଥା ପୂର୍ବତନ ସଭାପତି କାମରାଜୁ ମହାରଣା ପରିବେଶ ସୁରକ୍ଷାରେ ଛାତ୍ର ଛାତ୍ରୀଙ୍କ ଭୂମିକା ଉପରେ ଉଦ୍ ବୋଧନ ଦେଇ ପ୍ରତ୍ୟେକ ବିଦ୍ୟାର୍ଥୀ ନିଜେ ବୃକ୍ଷ ରୋପଣ କରି ଅନ୍ୟକୁ ମଧ୍ୟ ଉତ୍ସାହିତ କରିବା ପାଇଁ ପରାମର୍ଶ ଦେଇଥିଲେ।ବୃକ୍ଷ ରୋପଣ ଦ୍ୱାରା ପୃଥିବୀର ତାପମାନକୁ କମାଇ ଏକ ସନ୍ତୁଳିତ ସ୍ଥିତି ସୃଷ୍ଟି କରାଯାଇ ପାରିବ ବୋଲି ସେ ପ୍ରକାଶ କରିଥିଲେ।କ୍ଲବର ସଂପାଦକ ଏସ୍.ଦୁର୍ଗା ରାଓଙ୍କ ସମେତ ପୂର୍ବତନ ସଭାପତି ପ୍ରଦୀପ କୁମାର ପଣ୍ଡା,ରୋଟାରିଆନ ରାମା ରାଓ, ଶାନ୍ତନୁ କୁମାର ପାତ୍ର, ସନ୍ତୋଷ କୁମାର ତ୍ରିପାଠୀଏବଂ ବିଦ୍ୟାଳୟର ଶିକ୍ଷକ/ ଶିକ୍ଷୟିତ୍ରୀ ପ୍ରଣତି ପଣ୍ଡା, ମଧୁସୂଦନ ସାହୁ, ଦେବାନନ୍ଦ ସୁବୁଦ୍ଧି, ରଞ୍ଜିତା କୁମାରୀ ନାୟକ, ମୌନିକା ମିଶ୍ର, କିରଣମୟୀ ସ୍ୱାଇଁ, ପି.ଜୟପ୍ରଭା, ରବିନାରାୟଣ ମିଶ୍ର, ବି.ଲିଜା ପାତ୍ର, ପ୍ରତାପ ଚନ୍ଦ୍ର ପ୍ରଧାନ, ପ୍ରବୀଣ କୁମାର ବେହେରା,ରାମକୃଷ୍ଣ ପ୍ରଧାନ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।